ଶ୍ରୀମତୀ ୱିଙ୍କି ଡିଲାୱାରୀ ଏବଂ ଅନ୍ୟଜଣେ

*ବନାମ*

ଅମ୍ରିତସର ଉନ୍ନୟନ ନ୍ୟାସ, ଅମ୍ରିତସର

ସେପ୍ଟେମ୍ବର 3,1996

[କେ. ରାମାସ୍ୱାମୀ ଏବଂ ଫୈଜାନ ଉଦ୍ଦୀନ, ନ୍ୟାୟମୂର୍ତ୍ତିଦ୍ୱୟ]

*ପଞ୍ଜାବ ସହର ଉନ୍ନୟନ ଅଧିନିୟମ, 1922:*

*ଧାରା 36, 38—ଷ୍ଟାଡିୟମକୁ ପ୍ରସ୍ତାବିତ ରାସ୍ତା ନିମନ୍ତେ ଜମି ଅଧିଗ୍ରହଣ ପାଇଁ ବିଜ୍ଞପ୍ତି—ଅପିଲକାରୀମାନଙ୍କୁ ବ୍ୟକ୍ତିଗତ ବିଜ୍ଞପ୍ତି ପ୍ରଦାନ କରିବାରେ ବିଫଳତା—ଦର୍ଶାଯାଇଛି, ଅନୁମୋଦିତ ଯୋଜନା ଅନୁଯାୟୀ ଆରମ୍ଭ ହୋଇଥିବା ଅଧିଗ୍ରହଣ ପାଇଁ କାର୍ଯ୍ୟବିଧି ବାଧିତ ହୁଏ ନାହିଁ—ଯେତେବେଳେ କର୍ତ୍ତୃପକ୍ଷ ଜନସାଧାରଣଙ୍କ ସୁବିଧା ପାଇଁ ଯୋଜନା କାର୍ଯ୍ୟକାରୀ କରିଥିଲେ—ନିମ୍ନସ୍ଥ ନ୍ୟାୟାଳୟମାନେ ନିଷିଦ୍ଧାଦେଶ ପ୍ରଦାନ କରିବା ପାଇଁ ସ୍ୱେଚ୍ଛାକୃତ କ୍ଷମତା ପ୍ରୟୋଗ କରିବାକୁ ଯଥାର୍ଥ ଭାବରେ ମନା କରିଦେଇଥିଲେ—ଷ୍ଟାଡିୟମର ମୁଖ୍ୟ ଫାଟକରେ ପ୍ରବେଶ ପ୍ରଦାନ କରିବା ପାଇଁ ଯୋଜନା ଉପଯୁକ୍ତ ଭାବରେ ପ୍ରସ୍ତୁତ କରାଯାଇଥିଲା—ଅପିଲକାରୀଙ୍କ ସ୍ଥାନୀୟ ଅଞ୍ଚଳରେ ବାସସ୍ଥାନ ଅଧିକାର—ଦର୍ଶାଯାଇଛି, ପ୍ରତିଯୋଗୀ ଜନସ୍ୱାର୍ଥ ଅପିଲକାରୀଙ୍କ ବ୍ୟକ୍ତିଗତ ସ୍ୱାର୍ଥକୁ ଅତିକ୍ରମ କରିବ—ତଥାପି ତାଙ୍କୁ ଉତ୍ତରଦାତା-ନ୍ୟାସ- ଦ୍ୱାରା ପ୍ରଚଳିତ ଯେକୌଣସି ଉପଲବ୍ଧ ଆବାସ ଯୋଜନାରେ ଉପଯୁକ୍ତ ଭାବରେ ସ୍ଥାନିତ କରାଯାଇପାରିବ—ପ୍ରଚଳିତ ସଂରକ୍ଷିତ ମୂଲ୍ୟ ଅନୁଯାୟୀ 250 ବର୍ଗ ଗଜ ପରିମିତ ଉପଯୁକ୍ତ ସ୍ଥାନ ପ୍ରଦାନ କରିବାକୁ ଉତ୍ତରଦାତା-ନ୍ୟାସକୁ ନିର୍ଦ୍ଦେଶ ଦିଆଯାଇଛି ।*

ଜୋଧ ସିଂହ ବନାମ ଜୁଲୁନ୍ଧୁର ଉନ୍ନୟନ ନ୍ୟାସ, **AIR (1984) P & H 398 ଅନୁମୋଦନ କରିଥିଲା ।**

ପଣ୍ଡିତ ରାମ ପ୍ରକାଶ ଏବଂ ଅନ୍ୟଜଣେ ବନାମ ଶ୍ରୀମତୀ କାନ୍ତା **ସୁରୀ, (1985) PLJ 371, ଏହାକୁ ଅସ୍ୱୀକାର କରିଥିଲେ ।**

ଦେୱାନୀ ଅପିଲ ଅଧିକାରିତା : ଦେୱାନୀ ଅପିଲ ସଂଖ୍ୟା 1526/1994 ।

ଆର୍.ଏସ୍.ଏ. ସଂଖ୍ୟା 2071/1992 ରେ ପଞ୍ଜାବ ଏବଂ ହରିୟାଣା ଉଚ୍ଚ ନ୍ୟାୟାଳୟଙ୍କ 2.8.93 ତାରିଖର ରାୟ ଏବଂ ଆଦେଶରୁ ।

ଅପିଲକାରୀମାନଙ୍କ ପାଇଁ ଡି.ଭି. ସେହଗଲ, ଏ.ଟି.ଏମ୍. ସମ୍ପଥ ଏବଂ ସୁଶ୍ରୀ ମୋନିକା ଗୋସାଇଁ ।

ଉତ୍ତରଦାତାଙ୍କ ପାଇଁ ଇ.ସି. ଅଗ୍ରୱାଲ ।

ନ୍ୟାୟାଳୟ ନିମ୍ନଲିଖିତ ଆଦେଶ ପ୍ରଦାନ କରିଥିଲେ:

ସ୍ୱତନ୍ତ୍ର ଅନୁମତି ଦ୍ୱାରା ଏହି ଅପିଲ, 2 ଅଗଷ୍ଟ, 1993 ରେ ଆର୍ ଏସ୍ ଏ ସଂଖ୍ୟା 2071/92 ରେ ପଞ୍ଜାବ ଏବଂ ହରିୟାଣା ଉଚ୍ଚ ନ୍ୟାୟାଳୟଙ୍କର ବିଜ୍ଞ ଏକକ ବିଚାରପତିଙ୍କ ରାୟ ଏବଂ ଆଦେଶରୁ ଉତ୍ପନ୍ନ ହୋଇଛି । ସ୍ୱୀକାର କରାଯାଇଥିବା

ତଥ୍ୟ ହେଉଛି ଯେ, ଉତ୍ତରଦାତା-ନ୍ୟାସ, ପଞ୍ଜାବ ସହର ଉନ୍ନୟନ ଅଧିନିୟମ, 1922 (ସଂକ୍ଷେପରେ, "ଅଧିନିୟମ") ର ଧାରା 36 ଅନୁଯାୟୀ ମୁଖ୍ୟ ରାସ୍ତା, ଅର୍ଥାତ୍ ମଦନ ମୋହନ ମାଲବ୍ୟ ରାସ୍ତାରୁ ଗୁରୁ ନାନକ ଷ୍ଟାଡିୟମକୁ ରାସ୍ତା ପ୍ରଦାନ କରିବା ପାଇଁ ଏକ ଯୋଜନା ପ୍ରସ୍ତୁତ କରିଥିଲେ । ସେହି ଉଦ୍ଦେଶ୍ୟରେ ଯୋଜନା ପ୍ରସ୍ତୁତ କରାଯାଇଥିଲା ଏବଂ ଯୋଜନାର ପ୍ରସ୍ତୁତ କରିବାର ସତ୍ୟତା ସମ୍ପର୍କରେ ବିଜ୍ଞପ୍ତି ଜାରି କରାଯାଇଥିଲା; ଆପତ୍ତିଗୁଡ଼ିକୁ ଆବାହନ କରାଯାଇଥିଲା ଏବଂ ଯୋଜନାକୁ ଧାରା 78 ଅନୁଯାୟୀ ଲଗାତାର ତିନି ସପ୍ତାହ ପାଇଁ ସାପ୍ତାହିକ ଖବରକାଗଜରେ ଏବଂ ରାଜ୍ୟ ସରକାରୀ ରାଜପତ୍ରରେ ପ୍ରକାଶିତ କରାଯାଇଥିଲା । ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ସ୍ଥାନୀୟ ସମ୍ବାଦପତ୍ରରେ ମଧ୍ୟ ଏହା ପ୍ରକାଶିତ ହୋଇଥିଲା ।ଅଧିନିୟମର ଧାରା 36 ର ଉପ-ଧାରା 2 (b) ଅନୁଯାୟୀ ଯୋଜନାର ବିଜ୍ଞପ୍ତି ପୌର ସମିତିର ସଭାପତି ଏବଂ ଚିକିତ୍ସା ଅଧିକାରୀଙ୍କୁ ପଠାଯାଇଥିଲା । ଏହି ସମ୍ପର୍କରେ କୌଣସି ଆପତ୍ତି କରାଯାଇ ନଥିଲା । ଏହା ପରେ, ସରକାର, ଅଧିନିୟମର ଧାରା 40 ଅନୁଯାୟୀ ଯୋଜନାକୁ ଅନୁମୋଦନ କରିଥିଲେ । ଅଧିନିୟମର ଧାରା 42 (2) ପ୍ରବର୍ତ୍ତନ ହେବା ହେତୁ, ଧାରା 42 (1) ଅନୁଯାୟୀ ଯୋଜନାର ଅନୁମୋଦନ ପ୍ରକାଶିତ ହେବା ପରେ, ଏହା ନିର୍ଣ୍ଣାୟକ ପ୍ରମାଣ ହୋଇଗଲା ଯେ, ଯୋଜନାଟି ଯଥାର୍ଥ ଭାବରେ ପ୍ରସ୍ତୁତ ଏବଂ ମଞ୍ଜୁର କରାଯାଇଥିଲା । ଏହା ପରେ, ଏହି ଯୋଜନା ଅଧୀନରେ ଅଧିଗ୍ରହଣ କରାଯିବାକୁ ଥିବା ପ୍ରସ୍ତାବିତ ଜମି ଅଧିଗ୍ରହଣ ପାଇଁ ଧାରା 59 ସହିତ ଅଧିନିୟମର ଅନୁସୂଚୀ ଅନୁଯାୟୀ କାର୍ଯ୍ୟବିଧି ଗ୍ରହଣ କରାଯାଇଥିଲା । ଏହି ଅଧିନିୟମର ଧାରା 38 ସେହି ଉଦ୍ଦେଶ୍ୟରେ ପ୍ରକାଶନର ବିଜ୍ଞପ୍ତିର ଅନୁପାଳନ ପାଇଁ ପରିକଳ୍ପନା କରିଛି । ଏହା ନିମ୍ନରେ ଦିଆଗଲା:

> "38.ପ୍ରସ୍ତାବିତ ଜମି ଅଧିଗ୍ରହଣର ବିଜ୍ଞପ୍ତି: (1) ଏହି ଅଧିନିୟମ ଅନୁଯାୟୀ କୌଣସି ଯୋଜନା ସମ୍ବନ୍ଧରେ ଧାରା 36 ଅନୁଯାୟୀ କୌଣସି ବିଜ୍ଞପ୍ତି ପ୍ରକାଶିତ ହେବାର ପ୍ରଥମ ଦିନ ପରେ ପରବର୍ତ୍ତୀ ତିରିଶ ଦିନ ମଧ୍ୟରେ ନ୍ୟାସ:
>
> (1) ପ୍ରତ୍ୟେକ ବ୍ୟକ୍ତି, ଯାହାଙ୍କୁ ନ୍ୟାସର ଉପଯୁକ୍ତ ତଦନ୍ତ ପରେ ବିଶ୍ୱାସ କରିବାର କାରଣ ଅଛି ଯେ, ସେ ଯୋଜନା କାର୍ଯ୍ୟକାରୀ କରିବାରେ ଅଧିଗ୍ରହଣ କରିବାକୁ ପ୍ରସ୍ତାବିତ ଯେକୌଣସି ସ୍ଥାବର ସମ୍ପତ୍ତିର ମାଲିକ ଅଟନ୍ତି।
>
> (ii) ଯୋଜନା କାର୍ଯ୍ୟକାରୀ କରିବା ପାଇଁ ସେହି ନ୍ୟାସ ଯେଉଁ ସ୍ଥାନ ଅଧିଗ୍ରହଣ କରିବାକୁ ପ୍ରସ୍ତାବ ଦେଇଛି, ସେହି ସ୍ଥାନର ଦଖଲକାରୀ (ଯାହାଙ୍କ ନାମ ଉଲ୍ଲେଖ କରିବା ଆବଶ୍ୟକତା ନାହିଁ),
>
> ( 2) ଏପରି ବିଜ୍ଞପ୍ତି ତାହାଙ୍କ ଉପରେ ଏକ ବିଜ୍ଞପ୍ତି ଜାରି କରିବ ।
>
> (a) ଦର୍ଶାଇବ ଯେ, ନ୍ୟାସ ଏହି ଅଧିନିୟମ ଅନୁଯାୟୀ ଏକ ଯୋଜନା କାର୍ଯ୍ୟକାରୀ କରିବା ଉଦ୍ଦେଶ୍ୟରେ ଏପରି ସମ୍ପତ୍ତି ଅଧିଗ୍ରହଣ କରିବାକୁ ପ୍ରସ୍ତାବ ଦେଉଛି, ଏବଂ
>
> (b)ଆବଶ୍ୟକ କରିବ ଯେ, ଯଦି ସେହି ବ୍ୟକ୍ତି ଏପରି ଅଧିଗ୍ରହଣକୁ ବିରୋଧ କରନ୍ତି, ବିଜ୍ଞପ୍ତି ଜାରି ହେବାର ଷାଠିଏ ଦିନ ମଧ୍ୟରେ ଲିଖିତ ଭାବରେ ତାଙ୍କ କାରଣ ଦର୍ଶାଇବେ ।
>
> (3) ଏପରି ପ୍ରତ୍ୟେକ ବିଜ୍ଞପ୍ତି, ଅଧ୍ୟକ୍ଷଙ୍କ ଦ୍ୱାରା କିମ୍ବା ତାଙ୍କ ଆଦେଶ ଦ୍ୱାରା ସ୍ୱାକ୍ଷରିତ ହେବ ।

ଏଥିରେ କୌଣସି ଦ୍ୱିମତ ନାହିଁ ଏବଂ ଏହା ବିବାଦୀୟ ନୁହେଁ ଯେ, ଯଥାର୍ଥ ତଦନ୍ତ ପରେ ନ୍ୟାସଙ୍କର ହୃଦୟଙ୍ଗମ ହୁଏ ଯେ, ଯୋଜନା କାର୍ଯ୍ୟକାରୀ କରିବା ପାଇଁ ଅଧିଗ୍ରହଣ କରିବାକୁ ଥିବା ଅଚଳ ସମ୍ପତ୍ତିର ସେହି ବ୍ୟକ୍ତି ମାଲିକ କିମ୍ବା ଏପରି

ପରିସରର ଦଖଲକାରୀ, ତାହାଙ୍କ ଉପରେ ବିଜ୍ଞପ୍ତି ଜାରି କରିବା ଆବଶ୍ୟକ । ତେଣୁ, ଉପଯୁକ୍ତ ତଦନ୍ତ ପରେ ନ୍ୟାସ ପକ୍ଷେ ବିଶ୍ୱାସ କରିବା ପାଇଁ ଆବଶ୍ୟକ ହେବ ଯେ, ପ୍ରଭାବିତ ହେବାକୁ ଥିବା ବ୍ୟକ୍ତି ହେଉଛନ୍ତି ଅଧିଗ୍ରହଣ ପାଇଁ ପ୍ରସ୍ତାବିତ ସ୍ଥାବର ସମ୍ପତ୍ତିର ମାଲିକ । ଏହି କ୍ଷେତ୍ରରେ, ସ୍ୱୀକୃତ ସ୍ଥିତି ହେଉଛି ଯେ, ବିବାଦୀୟ ସମ୍ପତ୍ତି ଏକ ଖାଲି ସ୍ଥାନ ଅଟେ । ଅପିଲକାରୀ 1985 ମସିହା ଜାନୁଆରୀ 24 ତାରିଖରେ ଏହି ସମ୍ପତ୍ତି କିଣିଥିଲେ । ଏହି ଯୋଜନାକୁ ସରକାର 19 ମାର୍ଚ୍ଚ 1985 ରେ ଅନୁମୋଦନ କରିଥିଲେ । ଏହା ସ୍ପଷ୍ଟ ଯେ, ଧାରା 36 ଅନୁଯାୟୀ ପ୍ରସ୍ତାବଟି ରାଜପତ୍ର, ସାପ୍ତାହିକ ଏବଂ ଦୈନିକ ଖବରକାଗଜରେ ବ୍ୟାପକ ଭାବରେ ପ୍ରକାଶିତ ହୋଇଥିଲା ଏବଂ ଅପିଲକାରୀମାନଙ୍କର ସମ୍ପତ୍ତି କିଣିବା ପୂର୍ବରୁ ପୌରପାଳିକାଙ୍କୁ ମଧ୍ୟ ଏହାର ବିଜ୍ଞପ୍ତି ଦିଆଯାଇଥିଲା । ଏହା ବିବାଦର ବିଷୟ ନୁହେଁ ଯେ, ଅପିଲକାରୀଙ୍କ ଦ୍ୱାରା କ୍ରୟ ପରେ, ରାଜ୍ୟ ସରକାରଙ୍କ ଦ୍ୱାରା ଅନୁମୋଦନ ମଞ୍ଜୁର ହେବା ପୂର୍ବରୁ, ପୌରପାଳିକାର ନଥିରେ ତାଙ୍କ ନାମ ପରିବର୍ତ୍ତନ କରାଯାଇ ନଥିଲା । ତେଣୁ ଏଠାରେ ପ୍ରଶ୍ନ ଉଠୁଛି ଯେ, ଅପିଲକାରୀଙ୍କୁ ବିଜ୍ଞପ୍ତି ପ୍ରଦାନ ନକରିବା ଦ୍ୱାରା ଅନୁମୋଦିତ ଯୋଜନାକୁ କ୍ଷତିଗ୍ରସ୍ତ କରାଯାଉଛି କି ? ଆମ ମତରେ, ଏହା କରୁନାହିଁ ।

ଏହା ଦେଖାଯାଉଛି ଯେ, ଅଧିନିୟମର ଧାରା 36 ଏବଂ ଧାରା 38 ଅନୁଯାୟୀ ପୌରପାଳିକାକୁ ପ୍ରସ୍ତାବିତ ଅଧିଗ୍ରହଣର ବିଜ୍ଞପ୍ତି ପଠାଯାଇଥିଲା । ଯେତେବେଳେ ଏପରି ଅବଧାରଣା କରାଯାଇଥିଲା, ସେତେବେଳେ ଏଥିରୁ ସ୍ପଷ୍ଟ ହୁଏ ଯେ, ମାଲିକାନାରେ ଥିବା ବ୍ୟକ୍ତି ଯୋଜନାର କାର୍ଯ୍ୟାନ୍ୱୟନ ଏବଂ ଏହାର ଅଧିଗ୍ରହଣ ପାଇଁ ପ୍ରସ୍ତାବିତ କାର୍ଯ୍ୟବିଧି ବିଷୟରେ ଅବଗତ ଥିବେ । ଅପିଲକାରୀଙ୍କ ପକ୍ଷରୁ ବିଜ୍ଞ ବରିଷ୍ଠ ଅଧିବକ୍ତା ଶ୍ରୀ ସେହଗଲଙ୍କ ଯୁକ୍ତି ଅନୁଯାୟୀ, ଏହା ସତ୍ୟ ଯେ, ଉପ ନିବନ୍ଧକଙ୍କ କାର୍ଯ୍ୟାଳୟରେ ଏକ ଦସ୍ତାବିଜର ପଞ୍ଜୀକରଣ, ପଞ୍ଜୀକରଣ ଅଧିନିୟମ ଅନୁଯାୟୀ ଏକ ବିଜ୍ଞପ୍ତି । କିନ୍ତୁ ପ୍ରଶ୍ନ ହେଉଛି:ସମ୍ପତ୍ତିର ମାଲିକ କିଏ ହେବ ସେ ବିଷୟରେ ସରକାରୀ କର୍ତ୍ତୃପକ୍ଷ ଉପ ନିବନ୍ଧକଙ୍କ କାର୍ଯ୍ୟାଳୟରେ ଅନୁସନ୍ଧାନ ଜାରି ରଖିବେ କି ? ଧାରା 38 (1) (i) ଅନୁଯାୟୀ ଉପଯୁକ୍ତ ତଦନ୍ତରୁ ଜାତ ଯୁକ୍ତିଯୁକ୍ତ ବିଶ୍ୱାସରୁ ଏହା ହିଁ ଉଦ୍ଭବ ହେବ ଯେ,ସେହି ସ୍ଥାବର ସମ୍ପତ୍ତି ଯାହାକୁ ସରକାରଙ୍କର ଯୋଜନା ଅନୁମୋଦନ ପରେ ଅଧିଗ୍ରହଣ କରିବାକୁ ପ୍ରସ୍ତାବ ରହିଛି, ତାହାର ସେହିମାନେ ପ୍ରକୃତ ମାଲିକ ଅଟନ୍ତି, ଯେଉଁମାନେ ତାହାର ମାଲିକ ଭାବେ ଖ୍ୟାତ । ବର୍ତ୍ତମାନ ଏହା ସ୍ଥିରୀକୃତ ଆଇନ ଯେ, ସାର୍ବଜନୀନ କାର୍ଯ୍ୟଗୁଡ଼ିକ ଏହାର ଅଧିକାରୀମାନଙ୍କ ମାଧ୍ୟମରେ ସମ୍ପାଦନ କରାଯିବ ଏବଂ ଯଦି ସେମାନଙ୍କ ତରଫରୁ କାର୍ଯ୍ୟଦକ୍ଷତାରେ ଅବହେଳା ହୁଏ ଏବଂ ଜନସାଧାରଣଙ୍କ ଅସୁବିଧା ଅତ୍ୟଧିକ ହୁଏ, ତେବେ ନ୍ୟାୟାଳୟ ସର୍ବଦା ପ୍ରକ୍ରିୟାକୁ ନିର୍ଦ୍ଦେଶିକା ଭାବରେ ବିବେଚନା କରନ୍ତି । ଏହା ସର୍ବଦା ପ୍ରକ୍ରିୟାକୁ ଏକ ନିର୍ଦ୍ଦେଶିକା ଭାବରେ ବିବେଚନା କରିଛନ୍ତି । ଏହା ସର୍ବଦା ଏହି ନ୍ୟାୟାଳୟଙ୍କର ନିଷ୍ପତ୍ତିର ଶୃଙ୍ଖଳା ଅନୁଯାୟୀ, ଏପରି ପ୍ରକ୍ରିୟାକୁ ଏକ ନିର୍ଦ୍ଦେଶିକା ଭାବରେ ବିଚାର କରିଆସିଛି । ଯଦି ଏହା ଏପରି ଏକ ମାମଲା ହୋଇଥାନ୍ତା ଯେଉଁଠାରେ ଜଣେ ପ୍ରତିଷ୍ଠିତ ମାଲିକ ଯାହାଙ୍କ ନାମ ପୂର୍ବରୁ ପୌରପାଳିକା ନଥିରେ ଲେଖାସରିଛି ଏବଂ ସେ କିଛି ସମୟ ଧରି ପୌରପାଳିକା କିମ୍ବା ଗ୍ରାମ ପଞ୍ଚାୟତକୁ ପୌରପାଳିକା ଟିକସ ପ୍ରଦାନ କରିଛନ୍ତି, ଯଥାସ୍ଥିତି, ତେବେ ନିଶ୍ଚିତ ଭାବରେ କର୍ତ୍ତୃପକ୍ଷଙ୍କ ପାଇଁ ଉପଯୁକ୍ତ ତଦନ୍ତ ପରେ ବିଶ୍ୱାସ କରିବାର ସୁଯୋଗ ରହିବ ଯେ, ସେ ହିଁ ମାଲିକ ହେବେ । ଯଦି ସେମାନେ ଏପରି ତଦନ୍ତ କରିବାରେ କିମ୍ବା ବିଜ୍ଞପ୍ତି ପ୍ରଦାନ କରିବାରେ ଅବହେଳା କରନ୍ତି, ତେବେ ନିଶ୍ଚିତ ଭାବରେ ଏହା ଧରାଯାଇପାରେ ଯେ, ପ୍ରସ୍ତାବିତ ଅଧିଗ୍ରହଣ ପାଇଁ ସମ୍ପତ୍ତିର ମାଲିକ ବୋଲି ବିଶ୍ୱାସ କରାଯାଉଥିବା ମାଲିକଙ୍କ ଉପରେ ବିଜ୍ଞପ୍ତି ପ୍ରଦାନ କରିବାରେ ବିଫଳତା, ଅଧିନିୟମର ଧାରା 59 ସହିତ ଅନୁସୂଚୀ ଅଧୀନରେ କରାଯାଇଥିବା ଅଧିଗ୍ରହଣକୁ କ୍ଷତିଗ୍ରସ୍ତ କରିଥାଏ । କିନ୍ତୁ ଯଦି ଅଳ୍ପ ସମୟ ମଧ୍ୟରେ ଜମିର କ୍ରମାଗତ ବିକ୍ରୟ ଏବଂ ହସ୍ତାନ୍ତର ହୁଏ, ତେବେ ସରକାରୀ କର୍ତ୍ତୃପକ୍ଷମାନେ ଅଧିଗ୍ରହଣ ହେବାକୁ ଥିବା ପ୍ରସ୍ତାବିତ ସ୍ଥାବର ସମ୍ପତ୍ତିର ମାଲିକ କିଏ ହେବେ

ସେ ବିଷୟରେ ଉପ ନିବନ୍ଧକଙ୍କ କାର୍ଯ୍ୟାଳୟରେ ତଦନ୍ତ ଜାରି ରଖିବେ ବୋଲି ଆଶା କରାଯାଏ ନାହିଁ ।ପଞ୍ଜୀକରଣ ଏକ ଗଠନମୂଳକ ବିଜ୍ଞପ୍ତି, ଏହି ନୀତିର ଏପରି ପରିସ୍ଥିତିରେ କୌଣସି ପ୍ରୟୋଗ ହୁଏ ନାହିଁ ।

*ଯୋଧ ସିଂହ ବନାମ ଜୁଲୁନ୍ଧୁର ଉନ୍ନୟନ ନ୍ୟାସ,* AIR (1984) (P&H) 398 ରେ ପଞ୍ଜାବ ଏବଂ ହରିୟାଣା ଉଚ୍ଚ ନ୍ୟାୟାଳୟଙ୍କର ପୂର୍ଣ୍ଣ ବିଚାରପୀଠଙ୍କ ଦ୍ୱାରା ଦିଆଯାଇଥିବା ନିଷ୍ପତ୍ତିର କାରଣ ଅସ୍ୱୀକାର୍ଯ୍ୟ ଅଟେ, କିନ୍ତୁ ପ୍ରତ୍ୟେକ ମାମଲାର ତଥ୍ୟର ପୃଷ୍ଠଭୂମିରେ ଏହାକୁ ବିଚାର କରିବାକୁ ପଡ଼ିବ । ଉଚ୍ଚ ନ୍ୟାୟାଳୟଙ୍କର ବିଚାରପୀଠ, *ପଣ୍ଡିତ ରାମ ପ୍ରକାଶ ଏବଂ ଅନ୍ୟଜଣେ ବନାମ ଶ୍ରୀମତୀ କାନ୍ତା ସୁରୀ,* (1985) PLJ 371 ରେ ଆଇନକୁ ସଠିକ ଭାବରେ ପ୍ରସ୍ତୁତ କରିନାହାଁନ୍ତି । ତେଣୁ, ଆମେ ଧାର୍ଯ୍ୟ କରୁଛୁ ଯେ, ଅପିଲକାରୀମାନଙ୍କୁ ବ୍ୟକ୍ତିଗତ ବିଜ୍ଞପ୍ତି ପ୍ରଦାନ କରିବାରେ ବିଫଳତା ଅନୁମୋଦିତ ଯୋଜନା ଅନୁଯାୟୀ ଆରମ୍ଭ ହୋଇଥିବା ଅଧିଗ୍ରହଣ କାର୍ଯ୍ୟବିଧିକୁ ପ୍ରଭାବିତ କରେ ନାହିଁ ।

ଏହା ପରେ ଯୁକ୍ତି କରାଯାଇଛି ଯେ, ଅଧିଗ୍ରହଣଟି ଦୁରାଶୟ ଥିଲା କାରଣ ପୌରପାଳିକା ନିଜେ ପୂର୍ବରୁ ଅଧିଗ୍ରହଣ ପାଇଁ ପ୍ରସ୍ତାବ ଦେଇଥିଲା ଏବଂ ଏଥିରୁ ନିବୃତ ରହିଥିଲା । ଆମେ ଏହି ଯୁକ୍ତିରେ କୌଣସି ମୂଳ କାରଣ ପାଉନାହୁଁ । ଦୁଇଟି ବୈଧାନିକ କର୍ତ୍ତୃପକ୍ଷ କାର୍ଯ୍ୟ କରୁଛନ୍ତି, ଗୋଟିଏ ଅଧିନିୟମ ଅଧୀନରେ ଏବଂ ଅନ୍ୟଟି; ପୌରପାଳିକା ଅଧୀନରେ । ଯେତେବେଳେ ବୈଧାନିକ କର୍ତ୍ତୃପକ୍ଷ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରନ୍ତି, ସେତେବେଳେ ବାଧ୍ୟତାମୂଳକ ଭାବେ ପୌରପାଳିକାକୁ କାର୍ଯ୍ୟାନୁଷ୍ଠାନ ପ୍ରତ୍ୟାହାର କରିବାକୁ ପଡ଼ିଥାଏ । ତେଣୁ, ଏହା କୁହାଯାଇପାରିବ ନାହିଁ ଯେ, ଏହି ଅଧିଗ୍ରହଣ ଦୁରାଶୟ ଥିଲା । ଏହା ବ୍ୟତୀତ, ସେହି ତରଫରୁ ନିମ୍ନ ନ୍ୟାୟାଳୟଙ୍କ ଦ୍ୱାରା କୌଣସି ସିଦ୍ଧାନ୍ତ ଲିପିବଦ୍ଧ କରାଯାଇ ନାହିଁ । ଉଚ୍ଚ ନ୍ୟାୟାଳୟ ଏହି ମାମଲାକୁ ଏଭଳି ଭାବେ ବର୍ଣ୍ଣନା କରିଛନ୍ତି ଯେ, ଯଦି କୌଣସି ପରିସ୍ଥିତିରେ ଉତ୍ତରଦାତା ତାଙ୍କ ମାମଲାରେ ପ୍ରତିକୂଳ ପ୍ରଭାବ ପ୍ରମାଣ ନ କରନ୍ତି, ତେବେ ନିଷିଦ୍ଧାଦେଶ ପାଇଁ ସ୍ୱେଚ୍ଛାକୃତ ପ୍ରତିକାର ପ୍ରଦାନ କରାଯାଇପାରିବ ନାହିଁ । ସମସ୍ତ ତିନୋଟି ନ୍ୟାୟାଳୟ ଅପିଲକାରୀଙ୍କୁ ନିଷିଦ୍ଧାଦେଶ, ଯାହା କର୍ତ୍ତୃପକ୍ଷଙ୍କୁ ସଠିକ ଭାବରେ ପ୍ରସ୍ତୁତ ହୋଇଥିବା ଯୋଜନାକୁ କାର୍ଯ୍ୟକାରୀ କରିବାକୁ ବାରଣ କରିବ, ତାହା ପ୍ରଦାନ କରିବାକୁ ମନା କରିଛନ୍ତି । ଏହି ନିଷିଦ୍ଧାଦେଶ ସ୍ୱେଚ୍ଛାକୃତ ବିଷୟ ଅଟେ । ଯେତେବେଳେ କର୍ତ୍ତୃପକ୍ଷମାନେ ସହରର ଜନସାଧାରଣଙ୍କ ହିତ ପାଇଁ ଏହି ଯୋଜନାକୁ କାର୍ଯ୍ୟକାରୀ କରୁଛନ୍ତି, ନିମ୍ନ ନ୍ୟାୟାଳୟମାନେ ନିଷିଦ୍ଧାଦେଶ ପ୍ରଦାନ କରିବା ପାଇଁ ସ୍ୱେଚ୍ଛାକୃତ କ୍ଷମତା ପ୍ରୟୋଗ କରିବାକୁ ମନା କରିଦେଇଥିଲେ ଏବଂ ଏହାଦ୍ୱାରା କୌଣସି ସ୍ପଷ୍ଟ ଆଇନଗତ ତ୍ରୁଟି କରିନଥିଲେ, ଯାହା ଏହି ନ୍ୟାୟାଳୟ ସଂଶୋଧନ କରିବେ । ଅଧିକନ୍ତୁ, ଦେୱାନୀ ପ୍ରକ୍ରିୟା ସଂହିତା, 1908ର ଧାରା 9 ଅନୁଯାୟୀ ମକଦ୍ଦମାର ଗ୍ରହଣୀୟତା ସନ୍ଦେହଜନକ ଅଟେ । ମାମଲାର ଯାଞ୍ଚ କରିବାର ଆବଶ୍ୟକତା ନାହିଁ କାରଣ ଏହା ସ୍ଥିରୀକୃତ ଆଇନ ଯେ, ଏପରି ମକଦ୍ଦମା ଗ୍ରହଣୀୟ ଯୋଗ୍ୟ ନୁହେଁ ।

ଏହା ପରେ ଯୁକ୍ତି ଦିଆଯାଇଛି ଯେ, ଅପିଲକାରୀ ଘର ନିର୍ମାଣ ପାଇଁ ନିଜସ୍ୱ ବସବାସ ନିମନ୍ତେ ସମ୍ପତ୍ତି କିଣିଥିଲେ ଏବଂ ବିକଳ୍ପ ଭାବରେ ଅପିଲକାରୀମାନଙ୍କୁ କୌଣସି ଅସୁବିଧା ନ ଦେଇ ପଶ୍ଚିମ ପାର୍ଶ୍ୱ-ଆଭ୍ୟନ୍ତରୀଣ ରାସ୍ତାରୁ ଫାଟକ ଖୋଲାଯାଇପାରିବ । ଆମେ ଯୁକ୍ତିରେ କୌଣସି ଦୃଢ଼ତା ପାଉନାହୁଁ । ଏହି ଯୋଜନାରେ ମଦନ ମୋହନ ମାଳବ୍ୟ ରାସ୍ତା ନାମକ ଏକ ମୁଖ୍ୟ ରାସ୍ତାରୁ ସିଧାସଳଖ ପ୍ରବେଶ କରିବାର ପ୍ରସ୍ତାବ ରହିଛି ।ଷ୍ଟାଡିୟମର ପଶ୍ଚିମ ପାର୍ଶ୍ୱରେ ଥିବା ରାସ୍ତାରୁ ପ୍ରବେଶ ଟ୍ରାଫିକ୍ ବିପଦ ସୃଷ୍ଟି କରିବ ଏବଂ ତେଣୁ, ମୁଖ୍ୟ ଫାଟକରେ ପ୍ରବେଶ ପାଇଁ ଏହି ଯୋଜନା ସଠିକ ଭାବରେ ପ୍ରସ୍ତୁତ କରାଯାଇଥିଲା । ଆମେ ଯୋଜନାଟି ଦେଖିଛୁ । ଏହି ଯୋଜନାରେ ସ୍ଥାନୀୟ ଅଞ୍ଚଳର ବଡ଼ କ୍ଷେତ୍ର ପରିବର୍ତ୍ତେ ସର୍ବନିମ୍ନ

ଆୟତନର ସମ୍ପତ୍ତି ନିଆଯାଇଛି । ଏହି ପରିସ୍ଥିତିରେ, ଗୁରୁ ନାନକ ଷ୍ଟାଡିୟମକୁ ପ୍ରବେଶ ପ୍ରଦାନ କରିବା ପାଇଁ ସରକାରଙ୍କ ଦ୍ୱାରା ଯୋଜନାକୁ ଉପଯୁକ୍ତ ଭାବରେ ପ୍ରସ୍ତୁତ କରାଯାଇଥିଲା।

ତା'ପରେ ଶ୍ରୀ ସେହଗଲଙ୍କ ଦ୍ୱାରା ଯୁକ୍ତି କରାଯାଇଛି ଯେ, ଅପିଲକାରୀ ଆବାସିକ ଉଦ୍ଦେଶ୍ୟରେ ସମ୍ପତ୍ତିଟି କିଣିଥିଲେ ଏବଂ ସେ ସ୍ଥାନୀୟ ଅଞ୍ଚଳରେ ତାଙ୍କର ବାସସ୍ଥାନ ଅଧିକାରରୁ ବଞ୍ଚିତ ହୋଇଛନ୍ତି । ଏହି ସତ୍ୟକୁ ଦୃଷ୍ଟିରେ ରଖି ଯେ, ଅପିପିଲକାରୀଙ୍କ ବ୍ୟକ୍ତିଗତ ସ୍ୱାର୍ଥ ଅପେକ୍ଷା ପ୍ରତିଦ୍ୱନ୍ଦ୍ୱିତାମୂଳକ ଜନସ୍ୱାର୍ଥ ଅଧିକ ହେବ, ଆମେ ଭାବୁଛୁ ଯେ, ତାଙ୍କୁ ଉତ୍ତରଦାତା-ନ୍ୟାସ ଦ୍ୱାରା ନିଆଯାଇଥିବା ଯେକୌଣସି ଉପଲବ୍ଧ ଆବାସ ଯୋଜନାରେ ଉପଯୁକ୍ତ ଭାବରେ ସ୍ଥାନିତ କରାଯାଇପାରିବ ।ତେଣୁ, ବର୍ତ୍ତମାନର ସଂରକ୍ଷିତ ମୂଲ୍ୟ ଅନୁଯାୟୀ 250 ବର୍ଗ ଗଜ ର କୌଣସି ଉପଯୁକ୍ତ ସ୍ଥାନ ଯୋଗାଇ ଦେବାକୁ ଉତ୍ତରଦାତା-ନ୍ୟାସକୁ ନିର୍ଦ୍ଦେଶ ଦିଆଯାଉଛି ।

ତଦନୁସାରେ ଉପରୋକ୍ତ ମନ୍ତବ୍ୟ ସହିତ ଅପିଲକୁ ଖାରଜ କରାଯାଉଛି । କୌଣସି ଖର୍ଚ୍ଚ ନାହିଁ ।

ଜି.ଏନ୍.                                                  ଅପିଲକୁ ଖାରଜ କରାଗଲା ।

**<u>ଅସ୍ୱୀକରଣ</u>**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

**ଅନୁବାଦିକା**

**ସଙ୍ଗୀତା ସେନାପତି, ଓଡ଼ିଶା ଉଚ୍ଚ ନ୍ୟାୟାଳୟ ।**